International Journal of Multidisciplinary Horizon

ISSN: **3049-2017**
IJMH 2025; 2(3): 42-45
© 2025 IJMH
www.themultijournal.com

Received: 17-06-2025
Accepted: 23-06-2025
Publish : 25-06-2025

**ଡା. ସ୍ୱର୍ଗକୁମାରମିଶ୍ର**
ସହାୟକାଚାର୍ଯ୍ୟ,ସଂସ୍କୃତସାହିତ୍ୟବିଦ୍ୟାଶାଖା,
କେନ୍ଦ୍ରୀୟସଂସ୍କୃତବିଶ୍ୱବିଦ୍ୟାଳୟ,
ଏକଲବ୍ୟପରିସର,ଅଗରତଳା।

**Correspondence:**
**Dr. Swarga Kumar Mishra**
Assistant Professor,
Eklavya Campus, CSU,
Agartala, Tripura.

# "ତପସ୍ୱିନୀମହାକାବ୍ୟରେ ସଂସ୍କୃତସାହିତ୍ୟର ପ୍ରଭାବ"

## (The influence of Sanskrit Literature on Tapasvini)

**ଡା. ସ୍ୱର୍ଗକୁମାରମିଶ୍ର**

ତପସ୍ୱିନୀ ମହାକାବ୍ୟ ପ୍ରକୃତିକବିଗଙ୍ଗାଧରଙ୍କର ତପସ୍ୟାର ପୂର୍ଣତା। ଉନବିଂଶଶତକର ପ୍ରଥମଦଶକରେ ବିରଚିତ ସଂସ୍କୃତସାହିତ୍ୟସମକକ୍ଷ ଏକାଦଶସର୍ଗସମ୍ବଳିତ କରୁଣରସାପ୍ଲୁତ ଏହି କାବ୍ୟରେ ଗଙ୍ଗାଧରଙ୍କର ପୂର୍ଣବିକଶିତ କବିପ୍ରତିଭା ମୂର୍ତ୍ତିମନ୍ତ ହୋଇଛି। ମାଳାକାରପରି ସଂସ୍କୃତନିଷ୍ଠଶବ୍ଦମାନଙ୍କୁ ସ୍ୱବିଚାରଚାତୁରୀର ନିକଷରେ ତୁଳି ଉତ୍କଳୀୟଭାବଧାରାରେ ଯୋଡି ଅଧିକମଧୁରତାରେ ରୂପାୟିତ କରି ମହାକାବ୍ୟର କଳାପକ୍ଷକୁ ସମୃଦ୍ଧ କରିଛନ୍ତି କବି। ଆଉ ମଧ, ଆଦିକାବ୍ୟ ରାମାୟଣ ଉପଜୀବ୍ୟ ହେବା କାରଣରୁ ବାଲ୍ମୀକିବ୍ୟାସକାଳିଦାସଭବଭୂତିପ୍ରଭୃତିମହାକବିସମ୍ପ୍ରଦାୟସେବିତସାଧୁ-କାବ୍ୟଚେତନାରେ ଓତଃପ୍ରୋତ ତପସ୍ୱିନୀମହାକାବ୍ୟର ଭାବପକ୍ଷ ଅତ୍ୟନ୍ତ ଉଜ୍ଜ୍ୱଳ ତଥା ରୋଚକ। ସଂସ୍କୃତସାହିତ୍ୟଶାସ୍ତ୍ରକାରଲକ୍ଷିତ ମହାକାବ୍ୟଲକ୍ଷଣ ତପସ୍ୱିନୀ ମହାକାବ୍ୟରେ ପ୍ରତିପଦ ପ୍ରତିଫଳିତ ହୋଇଛି।

ତପସ୍ୱିନୀ ନାୟିକାପ୍ରଧାନ। ମହାକାବ୍ୟର ନାରୀପ୍ରଧାନତା ନାମରୁ ସ୍ପଷ୍ଟ ହେଉଛି। ପରମକଲ୍ୟାଣୀ ଜନକନନ୍ଦିନୀ ସୀତା ସ୍ୱୀୟା ମୁଗ୍ଧା ନାୟିକା ମହାକାବ୍ୟର ମୁଖ୍ୟ ଚରିତ୍ର । ଋଷି ବାଲ୍ମୀକି, ଲବକୁଶ, ଅନୁକମ୍ପା ତଥା ଶିଷ୍ୟଗଣ ମହାକାବ୍ୟରେ ଗୌଣପାତ୍ରରୂପେ ଅବତୀର୍ଣ। ମହାକାବ୍ୟରେ ସମଗ୍ରରାମାୟଣର ଆଦର୍ଶ ଓ ନିର୍ବାସିତା ପତିପ୍ରାଣା ସୀତାଙ୍କର ପବିତ୍ରତା ତଥା ତାଙ୍କ ତ୍ୟାଗପୂତ ଚରିତ୍ରର ମହନୀୟତା ଘଟନାପ୍ରବାହର ମାର୍ମିକତାକୁ ପ୍ରାଣବନ୍ତ କରିଛି। ଗଙ୍ଗାଧରଙ୍କ ସୀତା **"ଧର୍ମପତ୍ନୀ ପ୍ରିୟା ନିତ୍ୟଂ ଭର୍ତ୍ତୁଃ ପ୍ରିୟହିତେ ରତା"।** ସତୀକୁଳଲଲାମଭୂତା ପତିହିତକାମିନୀ ସେ ବନବାସକୁ ତପସ୍ୟାରେ ପରିଣତକରି ତପସ୍ୱିନୀ ସାଜିଛନ୍ତି। ବନବାସକୁ ସେ ନିଜର କର୍ମଫଳ ବୋଲି ମନେକରି ଅନୁତାପ କରିଛନ୍ତି, ଆଉ ସେହି ଅନୁତାପ ଅଗ୍ନିରେ ସେ ପୁନଃ ଆତ୍ମସମୀକ୍ଷା କରିଛନ୍ତି। ସଖି ଅନୁକମ୍ପାଙ୍କୁ ସେ ସ୍ପଷ୍ଟଭାବେ କହିଛନ୍ତି-

**"ବୋଇଲେ ସତୀ ସଖି ମୋ ଦୁର୍ବିପାକ, ଘଟାଇଅଛି ଏକା ମୋ ଦୁଃଖଯାକ।**
**ମୋ କର୍ମ ପାଇଁ ଦୋଷୀ ନୁହନ୍ତି ବିଧି, କାନ୍ତ ତ ସ୍ୱଭାବେ ମୋ କରୁଣାନିଧି ଗୋ।"**(1)

*****ପୁନଶ୍ଚ ଅନ୍ୟତ୍ର-

**"ମୁଁ କି ଛାର ହେଉ ତୁମ୍ଭ ପ୍ରକୃତି ରଞ୍ଜନ, ମୁଁ ମରେ ତୁମ୍ଭର ହେଉ କଳଙ୍କ ଭଞ୍ଜନ।"**
**"ମୋ ଅର୍ଜିତ ପାପ ମୋର ଦୁଃଖର କାରଣ, ସେହି ପାପ ଏବେ ମୋର ହେଉଛି ସ୍ମରଣ।"**(2)ଇତି

ସମଗ୍ରରାମାୟଣର ଆଦର୍ଶଭୂତ ତଥା ସଂସ୍କୃତସାହିତ୍ୟର ରୀତିନୀତିସମ୍ବଳିତ ସାରସ୍ୱରୂପ ଉପନିଷଭୂତ ତପସ୍ୱିନୀ ମହାକାବ୍ୟ ଏହା ଅନସ୍ୱୀକାର୍ଯ୍ୟ।

କବି ଗଙ୍ଗାଧର ରାଧାନାଥଯୁଗର ସାଂସ୍କୃତିକକାବ୍ୟନିର୍ମାତା। ଦରିଦ୍ରତାପଙ୍କପୂର୍ଣସରୋବରରେ ସେ ସୁବର୍ଣ କମଳ। ରଜନୀର ଘନ ତିମିରରେ ଲୁଚି ରହିପାରି ନ ଥିବା ବନମଲ୍ଲୀର ସୌରଭ ସେ। ଆବାଲ୍ୟରୁ ସେ ସଂସ୍କୃତ ତଥା ସଂସ୍କୃତିର ଉପାସକ। ଭାରତୀୟ ପ୍ରାଚୀନସଂସ୍କୃତିର ଆଦର୍ଶରେ ପୂର୍ଣରୂପେ ଅନୁପ୍ରାଣିତ ହୋଇଛନ୍ତି ସେ । ବାଲ୍ୟାବସ୍ଥାରେ ସଂସ୍କୃତବ୍ୟାକରଣ ପଢିଥିବା କଥା ତାଙ୍କ ଆତ୍ମଜୀବନୀରୁ ଜଣାପଡେ। ଏହାର ଆଦ୍ୟ ଝଙ୍କାର ତାଙ୍କ ଅହଲ୍ୟାସ୍ତବରେ ପରିଦୃଷ୍ଟ ହୁଏ । କାଳିଦାସଙ୍କ ଅଭିଜ୍ଞାନଶାକୁନ୍ତଳ ଅବଲମ୍ବନରେ ସେ ପ୍ରଣୟବଲ୍ଲରୀ ଲେଖିଛନ୍ତି। ବାଲ୍ମୀକିଙ୍କ ମୂଳରାମାୟଣ, କାଳିଦାସଙ୍କ ରଘୁବଂଶ, ଭବଭୂତିଙ୍କ ଉତ୍ତରରାମଚରିତ ଆଦି ସଂସ୍କୃତ ରାମକାବ୍ୟର ଅଧ୍ୟୟନ କରିବାର ସୁଯୋଗ ତାଙ୍କୁ ମିଳିଛି। ତାଙ୍କ ସଂସ୍କୃତପ୍ରୀତିର ପଟାନ୍ତର ନାହିଁ। ସେ ଦ୍ରଷ୍ଟା ଓ ସ୍ରଷ୍ଟା।

ତପସ୍ୱିନୀ ମହାକାବ୍ୟ ଉତ୍କଳୀୟ ସଫଳ ରାମକାବ୍ୟ। କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର ଶବ୍ଦାଡମ୍ବରଚମତ୍କାରପୂର୍ଣ ବୈଦେହୀଶବିଳାସ ନିଖିଳ ଉତ୍କଳ କାବ୍ୟଜଗତରେ ଆଲୋଡନ ସୃଷ୍ଟି କରିଥିଲେ ମଧ ଗଙ୍ଗାଧରଙ୍କ କବିପ୍ରତିଭାରୂପବିସ୍ତୃତହିମାଳୟରୁ ନିର୍ଗତ ନିର୍ମଳ ମନ୍ଦାକିନୀ ତପସ୍ୱିନୀ। ତା'ର କଳଝଙ୍କୃତି ଆଜି ବି ଉତ୍କଳୀୟଜନମାନସରୁ ପ୍ରତିଧ୍ୱନିତ ହେଉଥିବା କଥାକୁ ଅପଲପିତ କରା ଯାଇ ନ ପାରେ। ମହନୀୟ ରାମକାବ୍ୟପରମ୍ପରାରେ ତପସ୍ୱିନୀର ସ୍ଥାନ ବହୁ ଊର୍ଦ୍ଧ୍ୱରେ।

ତପସ୍ୱିନୀ ରାମକାବ୍ୟମାତ୍ର ନୁହେଁ, ଏହା ରାମକାବ୍ୟପରମ୍ପରାର ପ୍ରାୟଃ ଅନ୍ତିମ ଉନ୍ମେଷ। ରାମକଥାସାରସଂଗ୍ରହ ଉପନିଷଭୂତ। ଏହା ଉପରେ ପ୍ରାଚୀନସଂସ୍କୃତରାମକାବ୍ୟମାନଙ୍କର ସ୍ୱତଃସ୍ଫୂର୍ତ୍ତ ପ୍ରଭାବ।

ଧ୍ୱନ୍ୟାଲୋକକାର ଆନନ୍ଦବର୍ଧନଙ୍କମତରେ କୌଣସି ଏକ କବି ନିଜପୂର୍ବସୂରୀମାନଙ୍କଦ୍ୱାରା ପ୍ରଭାବିତ ହେବା ଏକ ସାଧାରଣ କଥା। ତଦ୍ଦ୍ୱାରା କବିର ମୌଳିକତା ନଷ୍ଟ ହୁଏନା ବରଂ ବସନ୍ତଋତୁରେ ଯେପରି ବୃକ୍ଷମାନେ ନବତ୍ୱକୁ ପ୍ରାପ୍ତ କରିଥାନ୍ତି ସେଭଳି କାବ୍ୟରେ ନବୀନତା ଆସିଥାଏ।ସେ କହିଛନ୍ତି-

**"ଦୃଷ୍ଟପୂର୍ବା ଅପି ହ୍ୟର୍ଥାଃ କାବ୍ୟେ ରସପରିଗ୍ରହାତ୍।**
**ସର୍ବେ ନବା ଇବାଭାନ୍ତି ମଧୁମାସ ଇବ ଦ୍ରୁମାଃ।।"**[3] ଇତି

ଅତ ଏବ ଅର୍ବାଚୀନ କବିମାନେ ପୂର୍ବରଚନାସମଗ୍ରରୁ ଭାବରାଶି ଗ୍ରହଣକରି କାବ୍ୟ ରଚନା କରିବା ଏକ ଦୋଷ ନୁହେଁ, ଅପି ତୁ ନିଜ ବିକଶିତପ୍ରତିଭା ତଥା ବିଚାରଶୀଳତାରେ ସେମାନେ ମୌଳିକତାକୁ ବଜାୟ ରଖି ନବ୍ୟ କାବ୍ୟଧାରାକୁ ନିର୍ମାଣ କରିଥାନ୍ତି। ଗଙ୍ଗାଧର ଥିଲେ ଆହରଣକୁଶଳ। ବନ୍ଧୁ ବ୍ରଜମୋହନ ପଣ୍ଡାଙ୍କ ଅନୁରୋଧରେ ସେ ରାମକାବ୍ୟ ଲେଖିଲା ବେଳକୁ ପ୍ରାୟଃ ଦାଣ୍ଡି ରାମାୟଣ, ରାମଚରିତମାନସ, କେଶବରାମାୟଣ, ବୈଦେହୀଶବିଳାସ ଉପଲବ୍ଧ ଥିଲା। ସେ କୃଷ୍ଣଚରଣ ପଟ୍ଟନାୟକଙ୍କ ରାମାୟଣ ପଢିଥିଲେ, ଯାହା ମୂଳରାମାୟଣର ଆକ୍ଷରିକ ଅନୁବାଦ ଥିଲା। ଏଥି ସହିତ ଫକୀରମୋହନଙ୍କ ରାମାୟଣର ଅନୁବାଦ, ମଧୁସୂଦନଙ୍କ ଉତ୍ତରରାମଚରିତର ଅନୁବାଦ, ରାଜକିଶୋରମହାନ୍ତିଙ୍କର ରଘୁବଂଶର ଅନୁବାଦ  ସେ ପଢିଥିଲେ। ଏତଦ୍ବ୍ୟତୀତ ସେ ଜଗନ୍ନାଥଦାସଙ୍କ ଭାଗବତ, ଶ୍ରୀମଦ୍ଭଗବଦ୍ଗୀତା ତଥା ସମସାମୟିକ ରାଧାନାଥକାବ୍ୟଧାରାକୁ ଅଧ୍ୟୟନ କରି ଯଥେଷ୍ଟ ଜ୍ଞାନ ତଥା ରମଣୀୟତତ୍ତ୍ୱମାନ ଲାଭ କରିଥିଲେ। ଏ ସମସ୍ତ ପୂର୍ବସୂରୀଙ୍କ ପ୍ରଭାବ ତାଙ୍କ ଉପରେ ଥିଲେ ମଧ ମୌଳିକତା ତାଙ୍କ ସାହିତ୍ୟର ଭୂଷଣ ଥିଲା। ନିଜ କାବ୍ୟମାନଙ୍କରେ ଅନାକ ସିଦ୍ଧ ସଂସ୍କୃତ ପଦମାନଙ୍କୁ ସେ ମୂଳରୂପରେ ବ୍ୟବହାର କରିଛନ୍ତି। ତପସ୍ୱିନୀରେ ସମ୍ବୋଧନପଦଗୁଡିକ ସଂସ୍କୃତରେ ଲେଖାଯାଇଛନ୍ତି। ସଂସ୍କୃତନିଷ୍ଠଶବ୍ଦମାନଙ୍କର ସାଧୁ ପ୍ରୟୋଗକାରଣରୁ ଏହା ଅତ୍ୟନ୍ତ ପ୍ରାଞ୍ଜଳ। ଅତଃ ସଂସ୍କୃତର ପ୍ରଭାବକୁ ଗଙ୍ଗାଧରଙ୍କ ସାହିତ୍ୟରୁ ଦେଖାଯିବା ସମୁଚିତ। ତାହା ଏହି ଶୋଧପ୍ରବନ୍ଧର ଆଲୋଚ୍ୟ।

**1.ଆଦୌ ବାଲ୍ମୀକିରାମାୟଣର ପ୍ରଭାବ ଯଥା-**

କବି ଗଙ୍ଗାଧର ବାଲ୍ମୀକିରାମାୟଣର ପୃଷ୍ଠପୋଷକତା ଗ୍ରହଣ କରିଥିବା ସ୍ୱାଭାବିକ। କିନ୍ତୁ ନିଜ ମୌଳିକ ବିଚାର ଚାତୁରୀରେ ସେ ବିଲକ୍ଷଣଭାବେ ତାକୁ ପ୍ରସ୍ତୁତ କରିଛନ୍ତି। ତଦ୍ୟଥା- ପ୍ରଥମେ ଭାଗୀରଥୀ ତୀର ଆଶ୍ରମ ନିକଟରେ ସୀତାଙ୍କୁ ପରିତ୍ୟାଗ କରି ଲକ୍ଷ୍ମଣ ଚାଲିଯାଆନ୍ତେ ମୁନିକୁମାରଗଣ ସୀତାଙ୍କର କ୍ରନ୍ଦନରୋଳ ଶୁଣି ତାଙ୍କୁ ଦେଖିଛନ୍ତି ଆଉ ଋଷି ବାଲ୍ମୀକିଙ୍କୁ ଜଣାଇଥିବା ମୂଳ ରାମାୟଣରେ ବର୍ଣିତ। ବାଲ୍ମୀକି ଲେଖିଛନ୍ତି-

**"ଭଗବନ୍ ସାଧୁ ପଶ୍ୟେସ୍ତ୍ୱଂ ଦେବତାମିବ ଖାଚ୍ଚ୍ୟୁତାମ୍।**
**ନଦ୍ୟାସ୍ତୁ ତୀରେ ଭଗବନ୍ ବରସ୍ତ୍ରୀ କାପି ଦୁଃଖିତା।।"**[4] ଇତି

କିନ୍ତୁ ଗଙ୍ଗାଧର ସ୍ୱପ୍ରତିଭାଚାତୁରୀରେ ମୁନିକୁମାରୀଙ୍କଦ୍ୱାରା କ୍ରନ୍ଦନରତା ସୀତାଙ୍କର ସମ୍ବାଦ  ଋଷିଙ୍କୁ ଅବଗତ କରାଇଛନ୍ତି।  ଏହି ମନୋଜ୍ଞ ଭାବଟି ତାଙ୍କ ଭାଷାରେ ଆହୁରି ଚମତ୍କାର ହୋଇଛି। ସେ ଲେଖିଛନ୍ତି-

**"ସ୍ୱର୍ଗ ପୁରୁଁ କେଉଁ ଦେବୀ କି ସଦ୍ୟ ଶାପର ଫଳେ।**
**ସ୍ୱଦେହରେ ଖସି ପଡିଛି ଆସି ଅବନୀ ପରେ।।**
**ଭ୍ରମୁ ଭ୍ରମ  ଅବା ଅଭ୍ରରେ ଅଭ୍ରମାତଙ୍ଗ ଚଢି।**
**ପୁରନ୍ଦର ପୁର ଶୋଭିନୀ ପଡି ଅଛନ୍ତି ଗଡି।।"**[5] ଇତି

ଏଠାରେ କବିଙ୍କର କଳ୍ପନାବିଳାସ ଅବଲୋକନୀୟ। **ଖାଚ୍ଚ୍ୟୁତାମ୍** ଏହି ଏକମାତ୍ର ପଦକୁ ସ୍ୱଭାବନାରେ ରଞ୍ଜିତ କରି ସେ ଐରାବତରୁ ଖସିପଡିଥିବା ଶଚୀ, ମୂର୍ତ୍ତିମତୀ ମନ୍ଦାକିନୀ , ମୂର୍ତ୍ତିମତୀ କରୁଣା, ମେଘମାଳା, ସରସ୍ୱତୀ ଆଦିଙ୍କର ଉପମା ଦେଇଥିବା ତାଙ୍କ ମୌଳିକତାର ପରିଚୟ ଦେଇଥାଏ।

ଲକ୍ଷ୍ମଣ ସୀତାଙ୍କୁ ତ୍ୟାଗ କଲା ପରେ ମୟୂରଧ୍ୱନିମୁଖରିତ ଅରଣ୍ୟରେ ସୀତା ରୋଦନ କରିଥିବା କଥା ରଘୁବଂଶରେ ବର୍ଣିତ। ଯଥା-

**"ନୃତ୍ୟଂ ମୟୂରାଃ କୁସୁମାନି ବୃକ୍ଷା ଦର୍ଭାନୁପାତାନ୍ ବିଜହୁର୍ହରିଣ୍ୟଃ।**
**ତସ୍ୟାଃ ପ୍ରପନ୍ନେ ସମଦୁଃଖଭାବମତ୍ୟନ୍ତମାସୀଦ୍ରୁଦିତଂ ବନେଽପି।।"**[6]ଇତି

ବାଲ୍ମୀକି ମୂଳରାମାୟଣରେ ସୀତାଙ୍କ ସାନ୍ତ୍ୱନା ପାଇଁ ନିଜତ୍ୱକୁ ଯେଭଳି ଉପସ୍ଥାପନ କରି ଆଶ୍ରମକୁ ଆହ୍ୱାନ କରିଛନ୍ତି ଠିକ୍ ସେହି ପ୍ରବୋଧନ ତପସ୍ୱିନୀକାବ୍ୟରେ ମନୋଜ୍ଞଭାବରେ ଉପସ୍ଥାପନ କରାଯାଇଅଛି। ଆଦିକାବ୍ୟରେ କୁହାଯାଇଛି-

**"ସ୍ନୁଷା ଦଶରଥସ୍ୟ ତ୍ୱଂ ରାମସ୍ୟ ମହିଷୀ ପ୍ରିୟା।**
**ଇଦମର୍ଘ୍ୟଂ ପ୍ରତୀଚ୍ଛ ତ୍ୱଂ ବିଶ୍ରବ୍ଧା ବିଗତଜ୍ୱରା।।**
**ଯଥା ସ୍ୱଗୃହମଭ୍ୟେତ୍ୟ ବିଷାଦଂ ଚୈବ ମା କୃଥାଃ।।"**[7]ଇତି

ତପସ୍ୱିନୀରେ ଗଙ୍ଗାଧର ମେହେର ଲେଖିଛନ୍ତି-

**"ଶ୍ୱଶୁର ତୋ ମୋର ସୁହୃଦ ସେହି ପରି ତୋ ପିତା।**
**ଅସଂକୋଚେ ରହ ଆଶ୍ରମେ ମଣି ସଂସାର ପିତା।।**
**ମେ ଆଶ୍ରମେ ତୋର ନ ଥିବ କଉଣସି ଭାବନା।**
**ଜନମିବ ଯେଉଁ ସନ୍ତାନ ତାର ପାଇଁ ଭାବନା।।"**[8]

ଗଙ୍ଗାଧର ଯେଉଁ ନିଜତ୍ୱର ପ୍ରତିପାଦନ କରିଛନ୍ତି ସେଥିପାଇଁ କାଳିଦାସଙ୍କ ପ୍ରଭାବ ଅବିସ୍ମରଣୀୟ। ରଘୁବଂଶମହାକାବ୍ୟରେ ମହାକବି କାଳିଦାସ ବାଲ୍ମୀକିଙ୍କର ଏହି ପରିଚୟପ୍ରଦାନକୁ ବିଲକ୍ଷଣରୂପେ ପ୍ରତିପାଦନ କରିଛନ୍ତି। କାଳିଦାସ ଲେଖିଛନ୍ତି-

**ତବୋରୁକୀର୍ତ୍ତିଃ ଶ୍ୱଶୁରଃ ସଖା ମେ ସତାଂ ଭବୋଚ୍ଛେଦକରଃ ପିତା ତେ।।**
**ଧୁରି ସ୍ଥିତା ତ୍ୱଂ ପତିଦେବତାନାଂ କିଁ ତନ୍ନ ଯେନାସି ମମାନୁକମ୍ପା।।** [9]

ସପ୍ତମସର୍ଗରେ ସୀତା ମୁନିକନ୍ୟାମାନଙ୍କୁ ସ୍ୱହରଣବୃତାନ୍ତ ଶୁଣାଇଛନ୍ତି। ଯେପରି ମୂଳରାମାୟଣରେ ଅରଣ୍ୟକାଣ୍ଡ 47 ସର୍ଗରେ ରାବଣକୁ ଶୁଣାଇ **"ଅହଂ ରାମମନୁବ୍ରତା"** ବୋଲି ଚାରିଥର କହିଛନ୍ତି ସେହିପରି ଗଙ୍ଗାଧର ତିନିଥର **"କୌଶଲ୍ୟାସୁତ ଏକା ମୋର ଶରଣ"**   ବୋଲି କହିଛନ୍ତି। ଯଥା-

**"କେମନ୍ତେ ହେଲି ଯୋଗୀ ହୃଦୟେଶ୍ୱରୀ।**
**ରହିଛି ରଘୁବଧୂ ଶରୀରଧରି।**
**ମରି ତ ନାହିଁ ମୁହିଁ ଅଛି ସ୍ମରଣ।**
**କୌଶଲ୍ୟା ସୁତ ଏକା ମୋର ଶରଣ ଗୋ।।**
**ହୃଦୟେ କଲି ପୁଣି ଦୃଢ ନିଶ୍ଚୟ**
**ଯେ କେହି ହେଉ ଯୋଗୀ ଅଛି କି ଭୟ।**
**ଯାବତ ଜୀବନେ ମୋ ଥିବ ସ୍ମରଣ**
**କୌଶଲ୍ୟାସୁତ ଏକା ମୋର ଶରଣ ଗୋ।।**
**ହେଉ ଏ ଯମାଳୟ ଅଥବା ସ୍ୱର୍ଗ**
**ବିହରୁଥାନ୍ତୁ ଏଥି ଦେବତାବର୍ଗ।**
**କେ କରିପାରିବ ମୋ ଚିତ୍ତହରଣ**
**କୌଶଲ୍ୟାସୁତ ଏକା ମୋର ଶରଣ ଗୋ।।"**[10]

ଏଠାରେ ଅତି ନିବିଡ ତଥା ସଂଯତଭାବରେ  ତ୍ରିବାର ସତ୍ୟର ମହତ୍ତ୍ୱ କବି ଦୃଢୀଭୂତ କରିଛନ୍ତି।

ନବମସର୍ଗରେ ଲବକୁଶଙ୍କ ଜନ୍ମ ପ୍ରସଙ୍ଗରେ ବାଲ୍ମୀକି ଲେଖିଛନ୍ତି-

**"ବ୍ୟତୀତା ବାର୍ଷିକୀ ରାତ୍ରିଃ ଶ୍ରାବଣୀ ଭୀମ(ଲଘୁ)ବିକ୍ରମା।"**[11] ଲବକୁଶଙ୍କ ଜନ୍ମ ଯେଉଁ ରାତ୍ରିରେ ହୋଇଥିଲା, ସୀତାଙ୍କର ସେ ରାତ୍ରିଟି କ୍ଷଣପ୍ରାୟ ବ୍ୟତୀତ ହୋଇଥିଲା। ରାମାୟଣର ଏହି ପଙ୍କ୍ତିର ଅବିକଳଗ୍ରହଣ ତପସ୍ୱିନୀରେ ଦେଖିବାକୁ ମିଳେ। କବି ଲେଖିଛନ୍ତି-

**"ଶ୍ରାବଣୀ ବାର୍ଷିକୀ ଭୀମା ବିଭାବରୀ,**
**ଶେଷ ହେଇଗଲା ମୁହୂର୍ତ୍ତକ ପରି।"**[12]

ରାମାୟଣର ପଦାବଳୀକୁ କବି ଏଠାରେ ଗ୍ରହଣ କରିଥିବା ଦୃଷ୍ଟ ହୁଏ। ଏହିପରି ଲବକୁଶଙ୍କ ଜନ୍ମପ୍ରସଙ୍ଗରେ ବାଲ୍ମୀକିଙ୍କର ପଦାଙ୍କ ଅନୁସରଣ କରିଥିବା  କଥା ଦେଖାଯାଏ। ସଂସ୍କୃତରାମାୟଣରେ ଅଛି-

**"କୁଶମୁଷ୍ଟିମୁପାଦାୟ ଲବଂ ଚୈବ ତୁ ସ ଦ୍ୱିଜଃ।**
**ବାଲ୍ମୀକିଃ ପ୍ରଦଦୌ ତାଭ୍ୟାଂ ରକ୍ଷାଂ ଭୂତବିନାଶିନୀମ୍।।**
**ଯସ୍ତୟୋଃ ପୂର୍ବଜୋ ଜାତଃ ସ କୁଶୈର୍ମନ୍ତ୍ରସତ୍କୃତୈଃ**
**ନିର୍ମାର୍ଜନୀୟସ୍ତୁ ତଦା କୁଶ ଇତ୍ୟସ୍ୟ ନାମ ତତ୍।।**
**ଯଶ୍ଚାବରୋ ଭବେତ୍ତାଭ୍ୟାଂ ଲବେନ ସୁସମାହିତଃ।**
**ନିର୍ମାର୍ଜନୀୟୋ ବୃଦ୍ଧାଭିଃ ଲବ ଇତ୍ୟସ୍ୟ ନାମତଃ।।"**[13]ଇତି

ଅନୁରୂପଭାବେ ଗଙ୍ଗାଧର ଲେଖିଛନ୍ତି-

**"କୁଶ ଗୁଚ୍ଛ ମୁନିବର ହସ୍ତେ ଘେନି।**
**ମନ୍ତ୍ରି ଅଗ୍ର ଅଧ କଲେ ଖଣ୍ଡ ବେନି।**
***

**ଅଗ୍ରଜେ ପ୍ରୟୋଗ ଅଗ୍ରଭାଗ କର।**
**ଅଧୋଭାଗେ ତନୁ ମାଜ ଅନୁଜର।।**
**କଲେ ଅନୁକମ୍ପା ମୁନି ଆଜ୍ଞା ମତେ।**
**ଭୂତବିନାଶିନୀ ରକ୍ଷା ସେହିମତେ।।"**[14]

ଏକାଦଶସର୍ଗରେ ଲବକୁଶଙ୍କୁ ଉପଦେଶଛଳରେ ବାଲ୍ମୀକି ଯେଉଁ ବ୍ୟବହାରଜ୍ଞାନକୁ ବଖାଣିଛନ୍ତି ତାହାକୁ ଅନୁରୂପଭାବେ ତପସ୍ୱିନୀରେ ଅଙ୍ଗୀଭୂତ କରିଛନ୍ତି କବି। ମୂଳରାମାୟଣରେ ଯଥା-

**"ଯଦି ଶବ୍ଦାପୟେଦ୍ରାମଃ ଶ୍ରବଣାୟ ମହୀପତିଃ।**
**ଋଷୀଣାମୁପଓିଷ୍ଟାନାଂ ଯଥାୟୋଗଂ ପ୍ରବର୍ତ୍ତତାମ୍।।**
**(କୃସ୍ନଂ ରାମାୟଣଂ କାବ୍ୟଂ ଗାୟତାଂ ପରୟା ମୁଦା।)**
**ଯଦି ପୃଚ୍ଛେତ୍ ସ କାକୁସ୍ଥଃ ଯୁବାଂ କସ୍ୟେତି ଦାରକୌ।**
**ବାଲ୍ମୀକେରଥ ଶିଷ୍ୟୌ ହ୍ୱୌ ବ୍ରତମେବଂ ନରାଧିପମ୍।।**[15]
**ଦୀୟମାନଂ ସୁବର୍ଣନ୍ତୁ ନା ଗୃହ୍ଣୀତାଂ କୁଶୀଲବୌ।।**
**ଉଚତୁଶ୍ଚ ମହାତ୍ମାନୌ କିମନେନେତି ବିସ୍ମିତୌ।।**
**ବନ୍ୟେନ ଫଲମୂଲେନ ନିରତୌ ବନବାସିନୌ।**
**ସୁବର୍ଣେନ ହିରଣ୍ୟେନ କିଂ କରିଷ୍ୟାବହେ ବନେ।।"**[16]

ଗଙ୍ଗାଧର ସେହି ଉପଦେଶକୁ ଅବିକଳ ଗ୍ରହଣ କରିଛନ୍ତି। ତପସ୍ୱିନୀରେ ବର୍ଣିତ-

**"କେହି ପଚାରିଲେ ତହିଁ ତୁମ୍ଭ ପରିଚୟ**
**ବୋଲିବ ବାଲ୍ମୀକି ଶିଷ୍ୟ ଆମ୍ଭେ ଭ୍ରାତୃଦ୍ୱୟ।।**
**ରାଜା ରାମଚନ୍ଦ୍ର ଯେବେ କରିବେ ଆହ୍ୱାନ।**
**କରିବ ଛାମୁରେ ତାଙ୍କ ରାମାୟଣଗାନ।।**
**ପଚାରିଲେ ପରିଚୟ ଘେନି କୌତୁହଳ।**
**ବୋଲିବ ବାଲ୍ମୀକିଶିଷ୍ୟ ସୋଦରଯୁଗଳ।।**
**ଧନ ଦେଲେ ଲୋଭ ତେଜି ବୋଲିବ ବିନୟେ।**
**କି କରିବୁ ଧନ ନେଇ ତାପସ ନିଳୟେ।।"**[17]

**2.କାଳିଦାସଙ୍କ ପ୍ରଭାବ ଯଥା-**

କାଳିଦାସଙ୍କର ଗଭୀର ପ୍ରଭାବ ଗଙ୍ଗାଧରଙ୍କ ସାହିତ୍ୟଶୃଙ୍ଖଳାରେ ପଡିଥିବା କଥା ଇନ୍ଦୁମତୀ ତଥା ପ୍ରଣୟବଲ୍ଲରୀରୁ ଜଣାପଡେ। କାଳିଦାସ ଥିଲେ ତାଙ୍କର ପ୍ରିୟ କବି। ତପସ୍ୱିନୀ କାବ୍ୟ ଉପରେ କାଳିଦାସଙ୍କ ପ୍ରଭାବ ନ ପଡିବ ବା କେମିତି? ତପସ୍ୱିନୀର ଛତ୍ରେ ଛତ୍ରେ ରଘୁବଂଶର ପ୍ରଭାବ ଦେଖିବାକୁ ମିଳେ। ପ୍ରଥମସର୍ଗର ସୀତାବିଳାପ ରଘୁବଂଶର ନିମ୍ନ ପଦ୍ୟାନୁରୂପ। ରଘୁବଂଶରେ କାଳିଦାସ ଲେଖିଛନ୍ତି-

**ଅଥବା ମମ ଭାଗ୍ୟବିପ୍ଳବାଦଶନିଃ କଳ୍ପିତ ଏଷ ବେଧସା।**
**ଯଦନେନ ତରୁର୍ନିପାତିତଃ କ୍ଷପିତା ତଦ୍ ବିଟପାଶ୍ରିତା ଲତା ।।**[18]

ତପସ୍ୱିନୀରେ ଗଙ୍ଗାଧର ଲେଖିଛନ୍ତି-

**ଗିରି ଅଙ୍ଗେ ହୁଏ ସିନା ବଜ୍ରର ପ୍ରହାର,**
**ହା ହା ତହିଁ ସଙ୍ଗେ ଗିରିବାସୀର ସଂହାର।।**[19]

ରଘୁବଂଶର ଚତୁର୍ଦଶସର୍ଗରେ କାଳିଦାସ ସୀତାଙ୍କର ଚିନ୍ତା ବ୍ୟକ୍ତ କରି ଲେଖିଛନ୍ତି-

**ସ୍ୟାଦ୍ରକ୍ଷଣୀୟଂ ଯଦି ମେ ନ ତେଜଃ ତ୍ୱଦୀୟମନ୍ତର୍ଗତମନ୍ତରାୟଃ।** [20]

ତପସ୍ୱିନୀରେ ପ୍ରଥମସର୍ଗରେ ସୀତା କାନ୍ଦି କାନ୍ଦି କହୁଛନ୍ତି-

**ଗର୍ଭେ ମୋର ଥୋଇ ଅଛ ଯେ ରତ୍ନ ନିଧାନ।**
**ନ କହିଲ ତା ରକ୍ଷଣେ କି ପ୍ରତିବିଧାନ।।**[21]

ରଘୁବଂଶରେ ମହାକବି ଲେଖିଛନ୍ତି-

**ଉପସ୍ଥିତାଂ ପୂର୍ବମପାସ୍ୟ ଲକ୍ଷ୍ମୀଂ ବନଂ ମୟା ସାର୍ଦ୍ଧମସି ପ୍ରପନ୍ନଃ।**
**ତଦାସ୍ପଦଂ ପ୍ରାପ୍ୟ ତୟାତିରୋଷାତ୍ ସୋଢାସ୍ମି ନ ତ୍ୱଦ୍ ଭବନେ ବସନ୍ତୀ।।**[22]

ଏହି ପ୍ରସଙ୍ଗଟିକୁ କବି ଉପସ୍ଥାପନ କରି ଲେଖିଲେ-

**ଅସୂୟାରେ ରାଜଲକ୍ଷ୍ମୀ ଲୋଡୁଥିଲା ଦାଉ।**
**ବହୁ ଦିନ ସମ୍ଭାଳି ତା ନ ପାରିଲା ଆଉ।।**[23]

ମେଘଦୂତରେ ଯେଭଳି ପ୍ରିୟତମା ଅଙ୍ଗରାଗସିକ୍ତ ପବନ ବର୍ଣିତ –

**ଭିତ୍ତ୍ୱା ସଦ୍ୟଃ କିଶଳୟପୁଟାନ୍ ଦେବଦାରୁଦ୍ରୁମାଣାମ୍।**
**ପୂର୍ବଂ ସ୍ପୃଷ୍ଟଂ ଯଦି କିଳ ଭବେଦଙ୍ଗମେଭିସ୍ତବେତି।।**[24] ଏହି ଶ୍ଳୋକଦ୍ୱାରା ଅନୁପ୍ରାଣିତ କବି ଗଙ୍ଗାଧର ତୃତୀୟସର୍ଗରେ  ଲେଖିଛନ୍ତି-

**ରେ ସନ୍ତପ୍ତ ଚର୍ମ ନାଶିବ ତୋ ଘର୍ମ ସମୀର ଆସୁଛି ବହି।**
**ସନ୍ତାପନାଶିନୀ ସରୋଜବାସିନୀ ଶ୍ରୀଅଙ୍ଗ ସୌରଭ ବହି।।** [25]

ରଘୁବଂଶରେ ବାଲ୍ମୀକି ସୀତାଙ୍କୁ ଯେଭଳି ବତାଇ କହିଛନ୍ତି –

**ପୟୋଘଟୈରାଶ୍ରମବାଳବୃକ୍ଷାନ୍ ସଂବର୍ଧୟନ୍ତୀ ସ୍ୱବଲାନୁରୂପୈଃ।**
**ଅସଂଶୟଂ ପ୍ରାକ୍ ତନୟୋପପତ୍ତେଃ ସ୍ତନନ୍ଧୟପ୍ରୀତିମବାପ୍ସ୍ୟସି ତ୍ୱମ୍।।**[26]ଇତି

ଠିକ୍ ସେହି ପରି ତପସ୍ୱିନୀ ଚତୁର୍ଥସର୍ଗରେ –

**ନନ୍ଦିନି ତୁ ଏ ଆଶ୍ରମ ପାଦପଙ୍କୁ ସ୍ନେହପ୍ରେମ ପ୍ରୟୋଗେ ନନ୍ଦନୋପମ କର ଯତନ।**
**ସେ ଭାବେ ତୋ ଅନୁଭବ ସ୍ୱଭାବେ ହେବ ସମ୍ଭବ ଭବେ କେମନ୍ତ ଦୁର୍ଲଭ ସୁରରତନ।।**[27]

ପୁଣି ରଘୁବଂଶରେ ବର୍ଣିତ-

**ପୁଷ୍ପଂ ଫଳଂ ଚାର୍ତବମାହରନ୍ତ୍ୟୋ ବୀଜଂ ଚ ବାଲେ ୟମକୃଷ୍ଟରୋହୀ।**
**ବିନୋଦୟିଷ୍ୟନ୍ତି ନବାଭିଷଙ୍ଗାମୁଦାରବାଚୋ ମୁନିକନ୍ୟକାସ୍ତ୍ୱାମ୍।।ଇତି**[28]

ପଞ୍ଚମସର୍ଗରେ-

**ଯେବେ ଯେଉଁ ଦ୍ରବ୍ୟେ ହେବ ତୋ ମନ**
**ଅବିଳମ୍ବେ ଦେବେ କୁମାରୀଗଣ, ନିଜେ ଭ୍ରମି ଉପବନେ।**
**ଇଚ୍ଛାମତେ ଫୁଲ ଫଳ ତୋଳିବାରେ ଶଙ୍କା ନ ରଖିବୁ ମନେ।।**[29]

ଆଉ ମଧ ସପ୍ତମସର୍ଗରେ ସୀତା ସଖିଙ୍କୁ ଯେଉଁ ଜୀବନବୃତ୍ତ ଶୁଣାଇଛନ୍ତି ତାହା ରଘୁବଂଶର  ଏକ ପଦ୍ୟାନୁରୂପ। ରଘୁବଂଶରେ ଅଛି-**ମମୈବ ଜନ୍ମାନ୍ତରପାତକାନାଂ ବିପାକବିସ୍ଫୂର୍ଜଥୁରପ୍ରସହ୍ୟଃ।**[30] ତପସ୍ୱିନୀରେ କବି ଲେଖିଛନ୍ତି-

**ବୋଇଲେ ସତୀ ସଖି ମୋ ଦୁର୍ବିପାକ**
**ଘଟାଇଅଛି ଏକା ମୋ ଦୁଃଖଯାକ।।**
**ମୋ କର୍ମ ପାଇଁ ଦୋଷୀ ନୁହନ୍ତି ବିଧି**
**କାନ୍ତ ତ ସ୍ୱଭାବେ ମୋ କରୁଣାନିଧି ଗୋ।।**[31]

ତପସ୍ୱିନୀ ଅଷ୍ଟମସର୍ଗର କଳ୍ପନା କାଳିଦାସଙ୍କ ବିନ କରାଯାଇନପାରେ। ତେଣୁ କାଳିଦାସଙ୍କ ପାଖରେ କବି ଗଙ୍ଗାଧର ସର୍ବଦା ଋଣୀ। ସେଠାରେ ଚିନ୍ତାର ଆଗମନ ହେବା ରଘୁବଂଶରେ ଷୋଡଶ ସର୍ଗରେ ବର୍ଣିତ।

ନବମସର୍ଗରେ ଲବକୁଶ ଜନ୍ମ ପ୍ରସଙ୍ଗରେ କବି ମେଘଦୂତର ଏକ ପଦ୍ୟକୁ ଅନୁସରଣକରିଥିବା ମନେହୁଏ। ପୂର୍ବମେଘରେ କବି ଲେଖିଛନ୍ତି-**ଆ କୈଳାସାଦ୍ ବିସକିସଲୟଚ୍ଛେଦପାଥେୟବନ୍ତ। ସଂପସ୍ୟନ୍ତେ ନଭସି ଭବତୋ ରାଜହଂସାଃ ସହାୟାଃ।**[32]

ତପସ୍ୱିନୀରେ କବି ଲେଖିଛନ୍ତି-

**କୈଳାସେ ଦେବାକୁ ସେ ଶୁଭସମ୍ବାଦ।**
**ରାଜହଂସ ଗଲା କରି ହର୍ଷନାଦ।।**
**ଜନମାଇବାକୁ ଗଉରୀ ପ୍ରତ୍ୟୟ**
**ପତ୍ର ଧରିଥାଏ ବିସ କିସଳୟ।।**[33]

ଏକାଦଶ ସର୍ଗରେ ସୀତାଙ୍କର ରାମଙ୍କ ପ୍ରତି ଯେଉଁ ପତ୍ରର ପରିକଳ୍ପନା ଗଙ୍ଗାଧର କରିଛନ୍ତି ତାହା ରଘୁବଂଶର ପ୍ରଭାବ। ରଘୁବଂଶରେ ଅଛି-

**ସାହଂ ତପଃ ସୂର୍ଯନିବିଷ୍ଟଦୃଷ୍ଟିଃ**
**ଊର୍ଦ୍ଧ୍ୱଂ ପ୍ରସୂତେଶ୍ଚରିତଂ ଯତିଷ୍ୟେ।**
**ଭୂୟୋ ଯଥା ମେ ଜନନାନ୍ତରେପି, ତ୍ୱ**
**ମେବ ଭର୍ତ୍ତା ନ ଚ ବିପ୍ରୟୋଗଃ।।ଇତି**[34]

ଗଙ୍ଗାଧର ଲେଖିଛନ୍ତି-

**କାହିଁ କେଉଁ ରୂପେ କଲା କି  ଘୋର ତପସ୍ୟା**
**ତପସ୍ୟାକୁ ତାର ମୋର ବଳିଛି ଲାଳସା।।**
**କିଏ କହିଦେବ ସେହି ତପର ନିୟମ**
**ନିଶ୍ଚୟ କରିବି ତହୁଁ ତପ ଗୁରୁତମ।।**
********

**ତାପସଙ୍କୁ ତୁମ୍ଭ କିଛି ନ ଥାଏ ଅଦେୟ**
**ମୁହିଁ ଅଭାଗିନୀ ମୋତେ ନ କରିବ ହେୟ।**
**ଯେ ହୋଇଛି ଆଜି ତୁମ୍ଭ ଅଙ୍କର ଭାଜନ**
**ଭକ୍ତିଭରେ ଦେଖୁଥିବେ ଜଗତର ଜନ।**
**ପୂର୍ବେ ସେହୁ କରିଥିଲା କେଉଁ ଘୋର ତପ**
**କେଉଁଠାରେ କେତେ କାଳ କେଉଁ ମନ୍ତ୍ର ଜପ।**[35]

**3. ଭବଭୂତିଙ୍କର ପ୍ରଭାବ-** ଭବଭୂତିଙ୍କ ଉତ୍ତରରାମଚରିତପରି ତପସ୍ୱିନୀ ଉତ୍ତରସୀତାଚରିତ ଅଟେ। ଭବଭୂତିଙ୍କ ଉତ୍ତରରାମଚରିତର ଆଦର୍ଶରେ ଗଙ୍ଗାଧର ତପସ୍ୱିନୀ ରଚନା କରିଥିବା ମନେହୁଏ। ଉତ୍ତରରାମଚରିତରେ ରାମ ଅଷ୍ଟାବକ୍ର ସମ୍ବାଦର ସ୍ପଷ୍ଟ ପ୍ରଭାବ ତପସ୍ୱିନୀରେ ଦେଖାଯାଏ। ଉତ୍ତରରାମଚରିତରେ ଲେଖାଅଛି-

**ଯାମାତୃଯଜ୍ଞେନ ବୟଂ ନିବଦ୍ଧାଃ**
**ତ୍ୱଂ ବାଳ ଏବାସି ନବଂ ଚ ରାଜ୍ୟମ୍।**
**ଯୁକ୍ତଃ ପ୍ରଜାନାମନୁରଞ୍ଜନେ ସ୍ୟାତ୍**
**ତସ୍ମାଦ୍ ଯଶୋ ଯତ୍ ପରମଂ ଧନଂ ବଃ।।ଇତି**[36] ଅପି ଚ-
**ସ୍ନେହଂ ଦୟାଂ ଚ ସୌଖ୍ୟଂ ଚ ଯଦି ବା ଜାନକୀମପି।**
**ଆରାଧନାୟ ଲୋକସ୍ୟ ମୁଞ୍ଚତୋ ନାସ୍ତି ମେ ବ୍ୟଥା।।ଇତି**[37]

ଚତୁର୍ଥସର୍ଗରେ ସୀତାଙ୍କର ତମସା ସହ ଯେଉଁ ଆଳାପ ତାହା ଉତ୍ତରରାମଚରିତର କଳ୍ପନା। ସେଥିରେ ତମସା ତଥା ମୁରଳାନଦୀର କଳ୍ପନା ଭବଭୂତି କରିଛନ୍ତି। ତପସ୍ୱିନୀର ଷଷ୍ଠ ତଥା ସପ୍ତମ ସର୍ଗର ବିଷୟବସ୍ତୁ ଉତ୍ତରରାମଚରିତର ପ୍ରଥମ ଅଙ୍କର ଅବଧାରଣାକୁ ଅନୁକରଣ କଲାପରି ମନେହୁଏ। ସେଠାରେ ଚିତ୍ରପଟ ପ୍ରଦର୍ଶନଦ୍ୱାରା ଅତୀତର ସ୍ମରଣ ହେଲାପରି ଏଠାରେ ଚକ୍ରବାକ ସ୍ୱର ଶ୍ରବଣଦ୍ୱାରା ଅତୀତକୁ ସୀତା ସ୍ମରଣ କରିଛନ୍ତି।।

**4. ଭଗବଦଗୀତାର ପ୍ରଭାବ-** ମୂଳରାମାୟଣରେ ବାଲ୍ମୀକି ଶିଷ୍ୟମାନଙ୍କଠାରୁ ସମ୍ବାଦ ପାଇ ଚକ୍ଷୁ ନିମୀଳନ ପୂର୍ବକ ଧ୍ୟାନସ୍ଥ ହୋଇ ସବୁ କଥା ଜାଣିପାରିଲେ ବୋଲି ଲେଖାଅଛି। **ତପସା ଲବ୍ଧ ଚକ୍ଷୁଷ୍ମାନ୍** । ତଦ୍ବତ୍ ଗଙ୍ଗାଧର ଲେଖିଛନ୍ତି-

**ଶୁଣି ମୁନିବର ମଉନେ ନିମୀଳିତ ଈକ୍ଷଣେ, କାଯ ଶିର ଗ୍ରୀବା ସଳଖି ବସି ରହିଲେ କ୍ଷଣେ।**[38]

ଏଠାରେ ଭଗବଦ୍ଗୀତାର ନିମ୍ନ ଶ୍ଳୋକ ପରିଶୀଳନୀୟ। କବି ଗୀତାର ଷଷ୍ଠ ଅଧ୍ୟାୟର ଏହି ଭାବକୁ ଗ୍ରହଣ କରିଥିବା ମନେହୁଏ। ଯଥା-

**ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ।**
**ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍।।**[39]

ତପସ୍ୱିନୀ ପଞ୍ଚମସର୍ଗରେ ଯେଉଁ ଦୈବୀ ଶ୍ରଦ୍ଧା ମାନବୀ ଶ୍ରଦ୍ଧା ତଥା ଆସୁରୀ ଶ୍ରଦ୍ଧାର ବର୍ଣ୍ଣନ କରିଛନ୍ତି ତହିଁରେ ଗୀତା ସପ୍ତଦଶ ଅଧ୍ୟାୟର ପ୍ରଭାବ ଦେଖାଯାଏ।

**ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସା ସ୍ୱଭାବତଃ।**
**ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ।।**[40]

ତପସ୍ୱିନୀରେ କୁହାଯାଇଛି-

**ଫୁଲେ ଫୁଲେ ଯଥା ବିଭିନ୍ନ ବାସ**
**ଜୀବନେ ଜୀବନେ ଶ୍ରଦ୍ଧା ନିବାସ**
**ଶରଧା ସ୍ୱଭାବ ବଶୁ, ଦଇବୀ ମାନବୀ ଆସୁରୀ ଭେଦରେ ହୋଇଥାଏ ଫଳପ୍ରସୂ।।**[41]

କବି ଗୀତାର ସପ୍ତଦଶ ଅଧ୍ୟାୟର ଅନ୍ୟତମ ଶ୍ଳୋକରୁ ଜ୍ଞାନ ଆହରଣ କରିଥିବା ମଧ ଜଣାଯାଏ। ଶ୍ଳୋକ ଯଥା-

**ଦମ୍ଭାହଂକାରସଂଯୁକ୍ତାଃ କାମରାଗବଳାନ୍ୱିତାଃ।**
**କର୍ଷୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ।।**[42]

କବି ଲେଖିଛନ୍ତି-

**ଦମ୍ଭେ ଅହଂକାରେ କାମ ପୋଷଣେ**
**ରାଗେ ଦେହବଳେ ଆତ୍ମା କର୍ଷଣେ।**
**ତପ କରିଥାନ୍ତି ଅସୁର ଭାବେ**
**ସମ୍ଭବ ନୁହେଁ ତା ତୋର ସ୍ୱଭାବେ।।**[43]
**ପୁନଶ୍ଚ-ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନଂ ଶୌଚମାର୍ଜବମ୍।**
**ବ୍ରହ୍ମଚର୍ଯମହିଂସା ଚ ଶାରୀରଂ ତପ ଉଚ୍ୟତେ।।**[44]

ଗଙ୍ଗାଧର ଲେଖିଛନ୍ତି-

**ଦେବ ଦ୍ୱିଜ ଗୁରୁ ବୁଧେ, ଶଉଚ ଆର୍ଜବ ଶ୍ରଦ୍ଧା ସମନ୍ୱୟେ ପୂଜିଥାଉ ଚିତ୍ତଶୁଦ୍ଧେ।।**[45]

**5.ସ୍ମୃତିଶାସ୍ତ୍ରପ୍ରଭାବ-**

**ଯସ୍ମାଦେଷାଂ ସୁରେନ୍ଦ୍ରାଣାଂ ମାତ୍ରାଭିର୍ନିର୍ମିତୋ ନୃପଃ।।**
**+++**
**ବାଲୋଽପି ନାବମନ୍ତବ୍ୟୋ ମନୁଷ୍ୟ ଇତି ଭୂମିପଃ।**
**ମହତୀ ଦେବତା ହ୍ୟେଷା ନରରୂପେଣ ତିଷ୍ଠତି।।**[46]

ତପସ୍ୱିନୀର ତୃତୀୟସର୍ଗରେ ରାମଙ୍କ ଅନୁଚିନ୍ତା ପ୍ରସଙ୍ଗରେ ଏହାର ପ୍ରଭାବ ଦେଖିବାକୁ ମିଳେ ଯଥା-

**ସୁଖେ ନଇରାଶ୍ୟ ନ ଥିବ ଅବଶ୍ୟ ଦେବତା ହୃଦୟେ ସୁଦ୍ଧା।**
**ସେ ହେତୁ ମହତୀ ଦେବତା ନୃପତି ସେବଇ କୀରତି ସୁଧା।।**[47]

ଏହିପରି ସଂସ୍କୃତସାହିତ୍ୟର ପ୍ରଭାବ ତପସ୍ୱିନୀରେ ପ୍ରତିପଦ ସୁଲଭ। ଗଙ୍ଗାଧର ସଂସ୍କୃତପ୍ରେମୀ ଥିବା କାରଣରୁ କେବଳ ତପସ୍ୱିନୀ କାହିଁକି ତାଙ୍କ କୃତୀସମଗ୍ରରେ ସଂସ୍କୃତର ପ୍ରଭାବ ସୁପରିଲକ୍ଷିତ ହୁଏ। ଇତି

ବଶଂବଦ

ଟୀକା-

1. ତପସ୍ୱିନୀ-7/1
2. ତପସ୍ୱିନୀ-1/70,89
3. ଧ୍ୱନ୍ୟାଲୋକଃ-4/4
4. ବାଲ୍ମିକୀରାମାୟଣେ ଉତ୍ତରକାଣ୍ଡେ-49/4
5. ତପସ୍ୱିନୀ-2/19,20
6. ରଘୁବଂଶମ୍-14/69
7. ବାଲ୍ମିକୀରାମାୟଣେ ଉତ୍ତରକାଣ୍ଡେ-49/7
8. ତପସ୍ୱିନୀ-2/60,61
9. ରଘୁବଂଶମ୍-14/74
10. ତପସ୍ୱିନୀ-7/38,39,40
11. ବାଲ୍ମିକୀରାମାୟଣେ ଉତ୍ତରକାଣ୍ଡେ-66/13
12. ତପସ୍ୱିନୀ-9/83
13. ବାଲ୍ମିକୀରାମାୟଣେ ଉତ୍ତରକାଣ୍ଡେ-66/6,7,8
14. ତପସ୍ୱିନୀ-9/51,53,54
15. ବାଲ୍ମିକୀରାମାୟଣେ ଉତ୍ତରକାଣ୍ଡେ-93/9,12
16. ବାଲ୍ମିକୀରାମାୟଣେ ଉତ୍ତରକାଣ୍ଡେ-94/19,20
17. ତପସ୍ୱିନୀ-11/68-71
18. ରଘୁବଂଶମ୍-8/47
19. ତପସ୍ୱିନୀ-1/84
20. ରଘୁବଂଶମ୍-14/65
21. ତପସ୍ୱିନୀ-1/80
22. ରଘୁବଂଶମ୍-14/63
23. ତପସ୍ୱିନୀ-1/102
24. ଉତ୍ତରମେଘଃ/50
25. ତପସ୍ୱିନୀ-2/28
26. ରଘୁବଂଶମ୍-14/78
27. ତପସ୍ୱିନୀ-4/24
28. ରଘୁବଂଶମ୍-14/77
29. ତପସ୍ୱିନୀ-5/30
30. ରଘୁବଂଶମ୍-14/62
31. ତପସ୍ୱିନୀ-7/1
32. ପୂର୍ବମେଘଃ/11
33. ତପସ୍ୱିନୀ-9/97,98
34. ରଘୁବଂଶମ୍-14/66
35. ତପସ୍ୱିନୀ-11/75,76,89,90,91
36. ଉତ୍ତରରାମଚରିତମ୍-1/11
37. ଉତ୍ତରରାମଚରିତମ୍-1/12
38. ତପସ୍ୱିନୀ-2/41
39. ଶ୍ରୀମଦଭଗବଦ୍ଗୀତା-6/13
40. ଶ୍ରୀମଦଭଗବଦ୍ଗୀତା-17/2
41. ତପସ୍ୱିନୀ-5/25
42. ଶ୍ରୀମଦଭଗବଦ୍ଗୀତା-17/5
43. ତପସ୍ୱିନୀ-5/26
44. ଶ୍ରୀମଦଭଗବଦ୍ଗୀତା-17/14
45. ତପସ୍ୱିନୀ-5/26
46. ମନୁସ୍ମୃତି-7/5,8
47. ତପସ୍ୱିନୀ-3/10